# ମନୋହରପୁର ମଡେଲ ପ୍ରକଳ୍ପ ହେବ: ଓପିଜିସି

ହେମଗିର, ୨/୬(ଇ.ମି.ସ): ଝାରସୁଗୁଡ଼ା ବନହରପାଲିରେ ଥିବା ଓପିଜିସିର ଆଉ ଦୁଇଟି ତାପଜ ବିଦ୍ୟୁତ ୟୁନିଟ କାମ ଖୁବଶୀଘ୍ର ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ କୋଇଲାର ଚାହିଦା ମେଣ୍ଟାଇବା ଲାଗି ହେମଗିର ବ୍ଲକର ମନୋହରପୁର କୋଲ ବ୍ଲକ ଓ ମନୋହରପୁର ଡିପସାଇଡ କୋଲ ବ୍ଲକ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓପିଜିସିକୁ ଆବଣ୍ଟନ କରିଛି। ଏହି ପ୍ରକଳ୍ପ ଯୋଗୁଁ ମନୋହରପୁର, ଡୁଲିଙ୍ଗା, କାଠଫାଳି, ସାନଗୁମୁଡ଼ା ଓ ପରମାନପୁର ଆଦି ଗାଁର ବିସ୍ଥାପିତଙ୍କୁ ଏବେ କ୍ଷତିପୂରଣ ପ୍ରଦାନ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ମନୋହରପୁର ଗାଁଲୋକଙ୍କୁ କ୍ଷତିପୂରଣ ଟଙ୍କା ଦିଆଯାଇଛି। ଭାରତ ସରକାରଙ୍କ ଭୂ ଅର୍ଜନ ଆଇନ ଅନୁଯାୟୀ ଭିନ୍ନ ଭିନ୍ନ କିସମ ଜମି ପାଇଁ ଅଲଗା ଅଲଗା ମୂଲ୍ୟ ଦେବାର ବ୍ୟବସ୍ଥା ଥିବା ବେଳେ ଓପିଜିସି ସବୁପ୍ରକାର ଜମିର ସମାନ ମୂଲ୍ୟ ପ୍ରଦାନ କରୁଥିବା କହିଛି। ଏହାଛଡ଼ା ବିସ୍ଥାପିତ ପରିବାରଗୁଡ଼ିକର ଥଇଥାନ ଓ ପୁନର୍ବାସ ପାଇଁ ଏକ ବୃହତ ପ୍ୟାକେଜ ଘୋଷଣା କରାଯାଇଛି। ବିସ୍ଥାପନ କଲୋନୀରେ ରାସ୍ତାଘାଟ ନିର୍ମାଣ, କମ୍ୟୁନିଟି ସେଣ୍ଟର, ପାର୍କ, ମାର୍କେଟ କଂପ୍ଲେକ୍ସ ଓ ଶ୍ମଶାନ ଆଦି ପାଇଁ ବ୍ୟବସ୍ଥା ଥିବା କଂପାନୀ କର୍ତ୍ତୃପକ୍ଷ କହିଛନ୍ତି। ଆଇନଗତ ଦିଗକୁ ଆଖିରେ ରଖି ପରିବେଶଜନିତ ପରିଚାଳନାରେ ଯେପରି ତ୍ରୁଟି ନହୁଏ ସେଥିପାଇଁ କଂପାନି ଦୃଷ୍ଟି ଦେଉଛି। ମନୋହରପୁର ପ୍ରକଳ୍ପକୁ ଏକ ମଡେଲ ପ୍ରୋଜେକ୍ଟରେ ପରିଣତ ପାଇଁ ଓପିଜିସି ବହୁ ପଦକ୍ଷେପ ନେଉଛି। ଖଣି ଅଞ୍ଚଳର ୫୬୬ଟି ପରିବାରର ଲୋକଙ୍କୁ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଭାବେ ନିଯୁକ୍ତି ଦିଆଯିବ। ସେହିପରି କର୍ମଚାରୀଙ୍କ ପଇଁ ୭ଶହଟି ଆବାସିକ ଗୃହ ନିର୍ମାଣ କରିବା ପାଇଁ ଯୋଜନା ରହିଥିବା ଓପିଜିସି ପକ୍ଷରୁ କୁହାଯାଇଛି।